# Akashvani, Sambalpur

## SAMBALPURI NEWS EVENING BULLETIN

**10 July 2025- 7.02 pm- 7.12 pm.**

*********************************************

**ST**

## ଆକାଶବାଣୀ ସମ୍ବଲପୁର

ଆଁଚଲିକ୍ ଖବର ପଢୁଛନ୍ -

ଜୁହାର୍ ।

ପହେଲା ମୁଖିଆ ଖବର୍ ।

**ST UNDERPLAY**

୧- ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କର ଅଧ୍ୟକ୍ଷତାଥି ରାଂଚିଠାନେ ହେଇଛେ ପୂର୍ବାଂଚଲ ପରିଷଦ୍ ବୈଠକ୍ ।

-ମହିଳା ସଶକ୍ତୀକରଣ ଆଉ ଶିଶୁ ସୁରକ୍ଷାକେ ରାଜ୍ୟ ସରକାର ଦଉଛନ୍ ପ୍ରାଥମିକ୍‌ତା- କହେଲେ ମୁଖ୍ୟମନ୍ତ୍ରୀ ।

୨- ଭୁବନେଶ୍ୱର୍ ସିଫାଠାନେ ଜାତୀୟ ମତ୍ସ୍ୟ ଚାଷୀ ଦିବସ୍ ଅବ୍‌ସରେ ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ୧୭ଟା ନୂଆ ମତ୍ସ୍ୟ କ୍ଲଷ୍ଟର୍‌କେ କଲେ ଉଦ୍‌ଘାଟନ୍ ।

୩- ପୁରୀ ଦଲାଚକ୍‌ଟା ଘଟ୍‌ନାଥି ଆଏଜ୍ ଦୁଇ ନମ୍ବର ଦିନେ ହେଲା ସାକ୍ଷ୍ୟ ଗ୍ରହଣ ।

ଆଉର୍

୪- ଗୁରୁ ଶିଷ୍ୟ ପରମ୍ପରାକେ ବଂଚେଇ ରଖ୍‌ବାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ ହଉଛେ ପବିତ୍ର ଗୁରୁ ପୂର୍ଣ୍ଣିମା ।

ପୂର୍ବାଂଚଲ୍ ପରିଷଦ୍ ବୈଠକ୍ ଆର୍‌ଏନ୍‌ୟୁ କଟକ

ଓଡ଼ିଶାନ ମହିଲା ସଶକ୍ତୀକରଣ ଆଉ ଶିଶୁ ସୁରକ୍ଷାକେ ସରକାର ପ୍ରାଥମିକତା ଦଉଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କର୍ ଅଧକ୍ଷତାଥି ଝାରଖଣ୍ଡର ରାଂଚିଠାନେ ହେଇଥିବା ୨୭ ନମ୍ବର ପୂର୍ବାଂଚଲ୍ ପରିଷଦ୍ ବୈଠକ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ମହିଲା ଆଉ ଶିଶୁଙ୍କର୍ ବିକାଶ ଲାଗି ବିଭାଗ୍ ତର୍‌ଫୁ ବହୁତ୍‌ଟେ ପଦକ୍ଷେପ୍ ନିଆଯାଇଛେ । ସ୍ୱାସ୍ଥ୍ୟ ସେବା, ପୋଷଣ, ସୁରକ୍ଷା, ଶିକ୍ଷା ଆଉ ସଶକ୍ତୀକରଣ ଇଥି ସାମିଲ୍ ଅଛେ । ଇ ଆର୍ଥିକ୍ ବଛ୍‌ରେ ମହିଲା ଆଉ ଶିଶୁ ବିକାଶ ଲାଗି ୧୫ ହଜାର ୨ ଶହ ୨୨ କୋଟି ୮୫ ଲାଖ୍ ଟଙ୍କା ଖର୍ଚ୍ଚା କରାଯାଇଛେ ବଲି

ମୁଖ୍ୟମନ୍ତ୍ରୀ କହିଛନ୍ । ସେନ୍ତା ରାଜ୍ୟ ସରକାରଙ୍କର୍ ତର୍ଫୁ କାର୍ଯ୍ୟକାରୀ ହେଉଥିବା ଓଡ଼ିଶା ପୁଷ୍ଟି ମିଶନ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ସୁଭଦ୍ରା ଯୋଜ୍ନା ଆଉ ଆମେ ପଢ଼ିବା, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, ଆମର୍ ଜାଗା ନ ବାଗିର୍ ଯୋଜ୍ନା ବାବ୍ଦେ ମୁଖ୍ୟମନ୍ତ୍ରୀ କହିଛନ୍ । ବୈଠକ୍ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଆଉ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଭିଲ୍ ଯୋଗ୍ ଦେଇଛନ୍ ।

ମତ୍ସ୍ୟଚାଷୀ ଦିବସ୍-        ଭୁବନେଶ୍ୱର ସମ୍ବାଦଦାତା

ମାଛ୍ ଚାଷୀମାନ୍କର ବିକାଶ ଆଉ ମାଛ୍ ଚାଷ୍ ଦିଗେ ସେମାନ୍କର ଅବଦାନ୍କେ ସ୍ୱୀକୃତି ଦେବାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ କରାଯାଉଛେ ଜାତୀୟ ମତ୍ସ୍ୟଚାଷୀ ଦିବସ୍ । ଦେଶେ ମାଛ୍ ଚାଷ୍ କ୍ଷେତ୍ରଥି ପ୍ରଫେସର ଡକ୍ଟର ହୀରାଲାଲ୍ ଚୌଧୁରୀ ଆଉ ତାଙ୍କର ସହଯୋଗୀ ଡକ୍ଟର କେ.ଏଚ୍. ଆଲ୍ଲୁକୁନିହିଙ୍କର୍ ଅବଦାନ୍କେ ସମ୍ମାନ୍ ଜନାବାର ଲାଗି ଭିଲ୍ ଆଏଜ୍ ଇ ଦିବସ୍ ପାଲନ୍ ହଉଛେ ।

ଇ ଅବ୍ସରେ ଭୁବନେଶ୍ୱର ସିଫାଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ର ଆୟୋଜନ୍ କରାଯାଇଛେ । କେନ୍ଦ୍ର ମତ୍ସ୍ୟ, ପ୍ରାଣୀ ପାଲନ୍ ଆଉ ଦୁଗ୍ଧ ଉତ୍ପାଦନ୍ ମନ୍ତ୍ରଣାଳୟ ତର୍ଫୁ ହେଇଥିବା

କାର୍ଯ୍ୟକ୍ରମଥି ବିଭାଗୀୟ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଆଭାସୀ ଜରିଏ ଯୋଗ୍ ଦେଇକରି ମାଛ୍ ଉତ୍ପାଦନ୍‌କେ ଅଏତ୍‌କା ତୁର୍‌ତି କର୍‌ବାର ଲକ୍ଷ୍ୟଥି ସରକାରଙ୍କର୍ ତର୍‌ଫୁ ନିଆଯାଇଥିବା ପଦକ୍ଷେପ୍ ବାବ୍‌ଦେ କହିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ସିଂହ ୧୭ଟା ନୂଆ ମତ୍ସ୍ୟ କ୍ଲଷ୍ଟର୍‌କେ ଉଦ୍‌ଘାଟନ୍ କରିଛନ୍ । ଇତାର୍ ସହେତେ ୧୧ଟା ରାଜ୍ୟ ନ ୧୦୫ କୋଟି ଟଙ୍କାର୍ ୭୦ଟା ପ୍ରକଳ୍ପର ଉଦ୍‌ଘାଟନ୍ ଆଉ ଭିତିପ୍ରସ୍ତର ଥାପ୍‌ନା କରିଛନ୍ ।

କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ୍ ଦେଇକରି ମଧୁର୍ ପାନିର୍ ମାଛ୍ ଚାଷ୍ କ୍ଷେତ୍ରକେ ସରକାର ଇହାଦେ ତହଁକଉଛନ୍ କଲି କହିଛନ୍ । ଇ କ୍ଷେତ୍ରର୍ ଥିବା ସରକାରୀ ସବ୍‌ସିଡି ବାବ୍‌ଦେ ଭିଲ୍ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ ।

କଲାବଜାରୀ ହି.ସ.

ଡ୍ରାଇଭର ମହାସଂଘର୍ ଆନ୍ଦୋଲନ୍ ସମିଆଥି ଅତ୍ୟାବଶ୍ୟକ୍ ଦରବ୍‌ର କଲାବଜାରୀ କରୁଥିବା ବେପାରୀମାନକର୍ ଉପ୍‌ରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି ଖଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍, ରାଏଜେ ଭର୍‌ପୁର୍ ମାତ୍ରାଥି ଖାଏବାର୍ ଦରବ୍ ଆଉ ପେଟ୍ରୋଲ୍, ଡିଜେଲ୍ ମହଜୁଦ୍ ରହିଛେ । କେନ୍‌ସି

ଭିଲ୍ ଥିତିର୍ ସାମ୍ନା କର୍ବାର୍ ଲାଗି ସରକାର ତୟାର୍ ଅଛନ୍ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ । ସବୁ ତେଲ୍ କମ୍ପାନୀର୍ ଅଧିକାରୀମାନ୍କର୍ ସଙ୍ଗେ ବୈଠକ୍ କର୍ଲା ଉତ୍ରୁ ମନ୍ତ୍ରୀ ଶ୍ରୀ ପାତ୍ର ସମସ୍ୟାର୍ ଖୋବ୍ ଜଲ୍ଦି ସମାଧାନ୍ କର୍ବାର୍କେ ଚେରେଷ୍ଟା ଚାଲିଛେ ବଲି କହିଛନ୍ ।

(ଭଏସ୍ ଓଭର୍---- ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର)

ସେଆଡ଼େ ତେଲ୍ର କୃତ୍ରିମ ଅଭାବ୍ ଥିତି ନାଇ ବନାବାର୍କେ ପେଟ୍ରୋଲିୟମ୍ ସଂଘ ସମ୍ପାଦକ ସଞ୍ଜୟ ଲାଠ୍ କହିଛନ୍ ।

ରଥଯାତ୍ରା ଦଲାଚକ୍ଟା ତଦନ୍ତ          ପୁରୀ ସମ୍ବାଦଦାତା

ପୁରୀ ରଥଯାତ୍ରା ଦଲାଚକ୍ଟା ଘଟ୍ନାର୍ ତଦନ୍ତ କରୁଥିବା ଉନ୍ନୟନ କମିଶନର୍ ଅନୁଗର୍ଗ ଆଏଜ୍ ଦୁଇ ନମ୍ବର ଦିନେ ପୁରୀଠାନେ ସାକ୍ଷ୍ୟ ଆଉ ତଥ୍ୟ ଗ୍ରହଣ୍ କରିଛନ୍ । ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍ଠାନେ ଆଏଜ୍ ୩ ବଜେନୁ ସାକ୍ଷ୍ୟ ଗ୍ରହଣ ମୁଲ୍ ହେଇଛେ । ସାକ୍ଷ୍ୟ ଦେବାର୍କେ ୩୫ ଝନ୍ ପଞ୍ଜିକରଣ କରିଥିଲା ବେଲ୍କେ ଖବର୍ ଲେଖା ହେବାର୍ ତକ୍ ୧୦ ଝନ୍ ସାକ୍ଷ୍ୟ ଆଉ ତଥ୍ୟ ଦାଖଲ କରିଥିଲେ ।

ଗଲାକାଏଲ୍ ଭୁବନେଶ୍ୱର ରାଜ୍ୟ ଅତିଥି ଭବନ୍ଠାନେ ଶ୍ରୀମତୀ ଗର୍ଗ ସାକ୍ଷ୍ୟ ଆଉ ତଥ୍ୟ ଗ୍ରହଣ କରିଥିଲେ ।

ରାଷ୍ଟ୍ରପତି ଗସ୍ତ ସମୀକ୍ଷା          ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ଆଏବା ୧୪ ତାରିଖ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି ଭୁବନେଶ୍ୱର ଆଉ କଟକ୍‌ଠାନେ ଭିନ୍ ଭିନ୍ କାର୍ଯ୍ୟକ୍ରମଥି ଯୋଗ୍ ଦେବେ । ରାଷ୍ଟ୍ରପତିଙ୍କର୍ ଗସ୍ତକେ ନେଇକରି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଆଏଜ୍ କଟକର ଭିନ୍ ଭିନ୍ ଜାଗା ନ ସୁରକ୍ଷା ଥିତିର ସମୀକ୍ଷା କରିଛନ୍ । କାର୍ଯ୍ୟକ୍ରମ ସ୍ଥଲ୍‌ମାନ୍‌କର ସୁରକ୍ଷା ଆଉ ଟ୍ରାଫିକ୍ ବ୍ୟବସ୍ଥାର ସମୀକ୍ଷା କରିଛନ୍ । ଇ ଅବ୍‌ସରେ ଭୁବନେଶ୍ୱର-କଟକ ପୁଲିସ କମିଶନର, କଟକ ଜିଲ୍ଲାପାଲ ଆଉ କଟକ ସହରାଂଚଲ୍ ଜିଲ୍ଲା ଡିସିପିଙ୍କ ସହେତେ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଗୁରୁପୂର୍ଣ୍ଣିମା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଅଷାଢ଼ ପୁନି ଅବ୍‌ସରେ ଆଏଜ୍ ଗୁରୁ ପୂର୍ଣ୍ଣିମା ପାଳନ କରାଯାଉଛେ । ଗୁରୁ ଶିଷ୍ୟ ପରମ୍ପରାକେ ବଚେଁଇ ରଖିବାର୍ ସହେତେ ଶୈକ୍ଷିକ୍ ପରିବେଶ୍‌କେ ଆହୁରି ସୁନ୍ଦର କରି କରି

ସମାଜ୍‌କେ ପ୍ରେରଣା ଦେବାର୍ ଇ ଦିବସ୍ ପାଲନ୍‌ର ମୁଖ୍ୟ ଲକ୍ଷ୍ୟ ଆଏ । ଇ ବାବ୍‌ଦେ ଗୁଟେ ରିପୋର୍ଟ....

(ଭଏସ୍ ଓଭର୍----)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁ ପୂର୍ଣ୍ଣିମା ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁ ପୂର୍ଣ୍ଣିମାର୍ ଶୁଭେଚ୍ଛା ଜନେଇକରି କହିଛନ୍, ଜୀବନର୍ ସବୁ କ୍ଷେତ୍ରଥି ଭିନ୍ ଭିନ୍ ରୁପେ ଗୁରୁମାନ୍‌ଙ୍କର ଭୂମିକା ଅତୁଳନୀୟ । ଶିକ୍ଷାଗୁରୁ, ଦୀକ୍ଷାଗୁରୁ ଓ କର୍ମଗୁରୁଙ୍କୁ ଶ୍ରୀ ମାଝୀ ପ୍ରଣାମ ଜନେଇଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତର୍ ଜ୍ଞାନ ପରମ୍ପରାଥି ଗୁରୁଙ୍କୁ ଜୀବନର୍ ପଥ ପ୍ରଦର୍ଶକ, ମୂଲ୍ୟବୋଧର ବାହକ ଆଉ ରାଷ୍ଟ୍ର ନିର୍ମାଣର ନିର୍ଦ୍ଦେଶକ୍ ବଲି କହିଛନ୍ ।

ଇ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ଜାଗାନ କାର୍ଯ୍ୟକ୍ରମ୍‌ମାନ୍ ହେଇଯାଇଛେ । ସୁବର୍ଣ୍ଣପୁର ଜିଲ୍ଲାର ଭିନ୍ ଭିନ୍ ଜାଗାନ ଗୁରୁ ପୂର୍ଣ୍ଣିମା ପାଳିତ ହେଇଛେ । ଗୁରୁ-ଶିଷ୍ୟ ପରମ୍ପରାକେ ବଂଚେଇ ରଖିବାର୍ ଲକ୍ଷ୍ୟଥି ଜିଲ୍ଲାର ଶିକ୍ଷାନୁଷ୍ଠାନ ସହେତେକଲା ଆଉ ସଙ୍ଗୀତ ଅନୁଷ୍ଠାନ୍‌ମାନ୍‌କେ ଗୁରୁ ପୂଜନ୍ ପରବ୍ ହେଇଯାଇଛେ ।

ନୂଆ ସଡ଼କ ନୀତି- ହି.ସ.

ରାଏଜେ ନୂଆ ସଡ଼କ୍ ନୀତି ୨୦୨୫ ଲାଗୁ କରାଯାଇଛେ । ନୂଆ ସଡ଼କ୍ ନୀତିକେ କାର୍ଯ୍ୟକାରୀ କର୍‌ବାର୍‌କେ ନେଇକରି ସବୁ ଜିଲ୍ଲାପାଳମାନଙ୍କୁ ପୂର୍ତ ବିଭାଗ୍ ତର୍‌ଫୁ ଜନେଇ ଦିଆଯାଇଛେ । ଆନୁଷଙ୍ଗିକ୍ ବିଭାଗ୍‌ମାନ୍‌କର ସହେତେ ମାର୍ଗଦର୍ଶିକା ଅନ୍‌ସାରେ ତାଲ୍‌ମେଲ୍ ରଖିକରି କାମ୍ କର୍‌ବାର୍‌କେ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ରାଜସ୍ୱ ମନ୍ତ୍ରୀ ଝାରସୁଗୁଡ଼ା ଗସ୍ତ ଝାରସୁଗୁଡ଼ା ସମ୍ବାଦଦାତା

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍‌ନା ମନ୍ତ୍ରୀ ସୁରେଶ ପୂଜାରୀ ଆଏଜ୍ ଝାରସୁଗୁଡ଼ା ଜିଲ୍ଲା ନ ବନ୍ୟା ନୁକ୍‌ସାନ୍ ଥିତିର୍ ସମୀକ୍ଷା କରିଛନ୍ । ଆଏଜ୍ ମଏଧାନେ ଜିଲ୍ଲାର ବ୍ରଜରାଜନଗର, କୁତାବଗା, ରେମଜା, ଇଟାଭଟା, ରାଜପୁର, ଦେଓଗାଁ ଇଲାକାକେ ଯାଇକରି ବର୍ଷା ପ୍ରଭାବିତ୍ ଇଲାକାନ ଥିତି ସମୀକ୍ଷା କରିଛନ୍ । ଲୁକ୍‌କର ସଙ୍ଗେ କଥାବାର୍ତା କର୍‌ବାର୍ ସହେତେ ଚାଷ୍‌ବାସ୍, ଜମି, ଘର୍ ଦୁଆର୍ ନୁକ୍‌ସାନ୍ ବାବ୍‌ଦେ ତୁର୍‌ତି ଆକଲନ୍ କରି କରି ରିପୋର୍ଟ ଦେବାର୍‌କେ ମନ୍ତ୍ରୀ ଶ୍ରୀ ପୂଜାରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ନୁକ୍‌ସାନ୍ ରିପୋର୍ଟ ଆସ୍‌ଲା ଉତ୍‌ରୁ ପ୍ରଭାବିତ୍ ଲୁକ୍‌କର ଏକାଉଂଟ ନମ୍ବର୍‌କେ ସାହାଜ୍ ଟଙ୍କା ପଠାଯିବା ବଲି ମନ୍ତ୍ରୀ କହିଛନ୍ । ଇ

ଅବ୍‌ସରେ ରାଜସ୍ୱ ମନ୍ତ୍ରୀଙ୍କର୍ ସାଙ୍ଗେ ଝାରସୁଗୁଡ଼ା ବିଧାୟକ୍ ଟଙ୍କଧର ତ୍ରୀପାଠୀ, ଜିଲ୍ଲାପାଳ ଅବୋଲୀ ସୁନୀଲ ନରଓ୍ୱଣେ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ ଥିଲେ ।

ମତ୍ସ୍ୟ ପ୍ରଜନନ ଟିକାକରଣ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ମତ୍ସ୍ୟ ଫାର୍ମଠାନେ ପ୍ରଜନନ ଲାଗି ଟିକାକରଣ କାର୍ଯ୍ୟକ୍ରମ୍ ହେଇଯାଇଛେ । ପହେଲା ଖେପେ ଆଏଜ୍ ୬୦ କିଲୋଗ୍ରାମ୍ ଭାକୁର ମାଛ ଜାଅଁଳ ପ୍ରଜନନ ଲାଗି ଟିକାକରଣ କରାଯାଇଛେ । ୩ କି ୪ଟା ଖେପେ ଇ ଟିକାକରଣ କରାଯିବା ବଲି ଜିଲ୍ଲା ମତ୍ସ୍ୟ ବିଭାଗ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜାତୀୟ ମତ୍ସ୍ୟ ଚାଷୀ ଦିବସ୍ ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାନେ ଜାତୀୟ ମତ୍ସ୍ୟ ଚାଷୀ ଦିବସ୍ ପାଳିତ୍ ହେଇଯାଇଛେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଶୋକ କୁମାରଙ୍କର୍ ଦେଖରେଖିଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ । ମାଛ୍ ଚାଷ୍ ଜରିଏ କମ୍ ଟଙ୍କା ବିନିଯୋଗ୍ କରି କରି ଅଏତ୍‌କା ଲାଭ୍ ପାଏବାର୍‌କେ ମୁଖ୍ୟ ଅତିଥି ଯୁଆନ୍

ପିଲା ଟୁକେଲ୍‌ମାନଙ୍କୁ ପରାମର୍ଶ ଦେଇଛନ୍ । ସେନ୍ତା ମାଛ୍ ଚାଷୀମାନେ ନୂଆ ଜ୍ଞାନ କୌଶଲ୍ ଅପ୍‌ନେଇକରି ତଲିଆ ଜମି ନ ମାଛ୍ ଚାଷ୍ କର୍‌ବାର୍‌କେ ଭିଲ୍ ପରାମର୍ଶ ଦେଇଛନ୍ ।

ଭାରତୀୟ ନ୍ୟାୟ ସଂହିତା କର୍ମଶାଳା     ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଆରକ୍ଷୀ ଅଧିକ୍ଷକଙ୍କର୍ ସମ୍ମିଳନୀ କକ୍ଷଠାନେ ଆଏଜ୍ ଭାରତୀୟ ନ୍ୟାୟ ସଂହିତା ଉପ୍‌ରେ ଗୁଟେ କର୍ମଶାଳା ହେଇଯାଇଛେ । କର୍ମଶାଳାଥି ଆର୍‌କ୍ଷୀ ଅଧିକ୍ଷକ ଜି.ଆର୍. ରାଘବେନ୍ଦ ରେଡ୍ଡି ଯୋଗ୍ ଦେଇକରି ପୁଲିସ କର୍ମଚାରୀମାନେ ନୂଆ ନ୍ୟାୟ ସଂହିତା ବାବ୍‌ଦେ ଜାନ୍‌ବାର୍ ଜରୁରୀ ବଲି କହିଥିଲେ । ପୁଲିସ କର୍ମଚାରୀମାନେ ଇ ବାବ୍‌ଦେ ସଚେତନ୍ ହେଲେ ଅପରାଧ ନିୟନ୍ତ୍ରଣ ସୁନିର୍ଶ୍ଚିତ୍ ହେଇପାର୍‌ବା ବଲି କହିଛନ୍ ।

ସାହାଣୀ କପ୍        ବୌଦ୍ଧ ସମ୍ବାଦଦାତା

୬୪ ନମ୍ବର ଆନ୍ତଃ ଜିଲ୍ଲା ସାହାଣୀ କପ୍ ଟୁର୍ଣ୍ଣାମେଂଟ ଇ ବଛର୍ ବୌଦ୍ଧ ଜିଲ୍ଲା ଷ୍ଟାଡିୟମ୍‌ଠଡାନେ ହେବା । ଓଡ଼ିଶା ଫୁଟ୍‌ବଲ୍ ସଂଘ ତର୍‌ଫୁ ଆଏବା ୧୬ ତାରିଖିନୁ ଟୁର୍ଣ୍ଣାମେଂଟ ମୁଲ୍ ହେବା । ଇଥି

୯ଟା ଜିଲ୍ଲାନୁ ଭିନ୍ ଭିନ୍ ଫୁଟ୍‌ବଲ୍ ଦଲ୍ ଭାଗ୍ ନେବେ । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଇ ବାବ୍‌ଦେ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗାଙ୍ଗେୟ ପଶ୍ଚିମବଙ୍ଗ ଆଉ ତାର୍ ପାଖର୍ ଇଲାକା ଉପ୍‌ରେ ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ବଙ୍ଗୋପ୍‌ସାଗର୍ ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ଆଏବା ୫ ତାରିଖ୍‌ତକ୍ ରାଏଜେ ଘଡ଼୍‌ଘଡ଼ି ସହେତେ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ୧୭ ଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍‌-୨୦ ଟା ଗେଟ ସମ୍ବଲପୁର

ସମ୍ବାଦଦାତା

ହୀରାକୁଦ୍ ଜଲ୍ଭଣ୍ଡାର୍ନୁ ଆଏଜ୍ ୧୬ ଟା ଗେଟ୍ ଦେଇକରି ବଏଢ଼୍ ପାଏନ୍ ଛଡ଼ାଯାଉଛେ । ହୀରାକୁଦ୍ ଡେମ୍ କର୍ତୃପକ୍ଷଙ୍କର୍ ସୂଚ୍ନା ଅନ୍ସାରେ ଆଏଜ୍ ସଞ୍ଝର୍ ୬ ବଜେତକ୍ ଜଲ୍ଭଣ୍ଡାରକେ ଫି’ ସେକେଣ୍ଡ୍‌ଥି ୨ ଲାଖ୍ ୨୯ ହଜାର୍ ୨୯ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ୨ ଲାଖ୍ ୬୭ ହଜାର୍ ୯ ଶହ ୨୨ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୪ ଦଶ୍ମିକ୍ ୮/୯ ଫୁଟ୍ ରହିଛେ ।